ନବ ଜାତକ

ଧ. ଗଡ଼ନାୟକ

ନବ ଜାତକ

ରାଧାମୋହନ ଗଡ଼ନାୟକ ।

ପ୍ରକାଶକ
ଓଡ଼ିଶା ବୁକ୍ ଏମ୍ପୋରିଅମ
କଟକ

ପ୍ରଥମ ପ୍ରକାଶ
ଏକ ହଜାର
୧୯୪୭

ଆଠଅଣା

ମୁଦ୍ରାକର
ଶ୍ରୀ ବନମାଳୀ ମିଶ୍ର
ନବ ଭାରତ
କଟକ

ସୂଚୀ

ବିଷୟ	ପୃଷ୍ଠା
୧ । ଅଦ୍ଭୁତ ସେ ମାନବ-ପଦେ	୧
୨ । ସତୀ ଚଉରା	୩
୩ । ସ୍ୱାଗତ ହେ ଚ୍ୟାଙ୍ଗ୍ କେଇଶେକ	୭
୪ । ଜନଅର ପୁଲ	୯
୫ । କାହିଁ ପାଇଁ ଏତେ ଭେଦ	୧୧
୬ । ଧୂଳିଆ ବାବା	୧୨
୭ । କୃଷ୍ଣପକ୍ଷ ଓ ଶୁକ୍ଳପକ୍ଷ	୧୫
୮ । କୌମୁଦୀର ଅବଦାନ	୧୭
୯ । ଭଟଜିସ୍—ସେ ତ ମରନାହିଁ	୨୧
୧୦ । ଘାସଫୁଲ	୨୫
୧୧ । ବିଦ୍ୟୁତ	୨୬
୧୨ । କୃଷ୍ଣଚକ୍ର ଭଣ୍ଡ	୨୭
୧୩ । ବ୍ୟଥିତର ଗୀତ	୩୧
୧୪ । ଗୋପବନ୍ଧୁ ହେ, ଚଳିଲ ଆସ ଫେରି ।	୩୩
୧୫ । ହିନ୍ଦୁ ମୁସଲମାନ	୩୪
୧୬ । ନବକହ୍ଲଲ	୪୦
୧୭ । ଶରତ-ନଈ-କୂଳେ	୪୪
୧୮ । ସୃଷ୍ଟିର ଅପମାନ	୪୯
୧୯ । ପତାକା ସଙ୍ଗୀତ	୫୫

ଅଦ୍ଭୁତ ସେ ମାନବ ପଦେ

୧

କମାଣ ଗୋଳା ସମ୍ମୁଖରେ
ଛାତିର ହାଡ଼ ବଜ୍ର କରି ।
ଅହଂକାର ଯୁଦ୍ଧ ରଥ
ଭାଙ୍ଗିଲା ଯିଏ ଧ୍ୱଂସ ଅସ୍ତ୍ର ।
ସ୍ୱାଧୀନ କଲା ବିଶାଳ ଦେଶ
ମୁକ୍ତ କଲା ବିରାଟ ଜାତି
ଅଦ୍ଭୁତ ସେ ମାନବ ପଦେ
ଅର୍ଘ୍ୟ ମୋର ଭକ୍ତି ରେ ସାଥି ।

୨

ସର୍ପ ଯେବେ ଦର୍ପ ଭରେ
ଦଂଶିବାକୁ ଆସିଲା ଧାଇଁ
ବାହୁରେ ତାକୁ ନେଲା ସେ ତୋଳି
ଡରିଲା ନାହିଁ, ଥରିଲା ନାହିଁ ।
ଶମ୍ଭୁ ସମ ବୁକୁରେ ଧରି
କରିଲା ସାଥି, କରିଲା ଜ୍ଞାତି,
ଅଦ୍ଭୁତ ସେ ମାନବ ପଦେ
ଅର୍ଘ୍ୟ ମୋର ଡାଲ ରେ ସାଥି

୩

ଭସ୍ମୀଭୂତ ପ୍ରାଣର ଜ୍ୱାଳା
ମର୍ତ୍ତେ ଘେନି ଯେ ଭଗୀରଥ
ସ୍ୱର୍ଗ ପଥୁ ଆଣିଲ ବାନ୍ଧ
ଗଙ୍ଗାଧାରା ମୁକ୍ତ ପଥ ।
ଶମଶାନର ଭସ୍ମ ପରେ
ଖେଳାଇ ଦେଲ ଜୀବନ ସ୍ରୋତ,
ଅଦ୍ଭୁତ ସେ ମାନବ ପଦେ
ଅର୍ଘ୍ୟ ମୋର ଢାଲ ରେ ସାଥି !

୪

ଭାରତ ପଥେ ଚରଣ ଧୂଳି
ନିସ୍ତାରିଲ ଭାରତେ ଆଜ
ପୁଣ୍ୟ ପାଦ ପରଶ ଦେଇ
ପାଷାଣେ ଯଥା ରାଘବରାଜ ।
ପୁଣି ଯେ ରାମ ରାଜ୍ୟ ଆଣି
କାଟିଲ ଘୋର ତମିର ରାତି
ଅଦ୍ଭୁତ ସେ ମାନବ ପଦେ
ଅର୍ଘ୍ୟ ମୋର ଢାଲ ରେ ସାଥି ।

ସତୀଚଉରା

୧

ଜାଣେ ନାହିଁ ମୁଁ ତ ହେ ସତୀଚଉରା
କେବେ କେଉଁ ସତୀ ନାରୀ
ପତି ଚିତାନଳେ ନିଭାହର ଜ୍ୱାଳରେ
ତନ ଦେଇଥିଲା ଜାଳି ।

ଜଳି ଯାଇଥିଲା ଚନ୍ଦନ ମୂଳର
ସଞ୍ଜ- ବତୀଟି ପରି,
ପୁଳନ ଖଣ୍ଡ କେତେ କୋଟି ଦଣ୍ଡ
ଥିଲା ଉଜ୍ଜ୍ୱଳ କରି ।

ଜାଣିବାର ଅବା ଇଚ୍ଛା ନାହିଁ ତ
ଜାଗୁନାହିଁ ମୋର ମନେ
ତୃପ୍ତ ମୋହର ଲାଳସା, ଆଶା
ଦେଖୁଅଛୁ ମୋ ନୟନେ ।

ବୁଝିଲି ମୁଁ ଏବେ ହେ ସତୀଚଉରା,
ନୋହୁ ରେ ମଶାଣି ଭୂଇଁ
ଉତ୍କଳ ବୁକେ ପୁଣ୍ୟ ପ୍ରଭାସ
ବାଣୀର ତୀର୍ଥ ଭୂଇ ।

୨

ସ୍ମୃତି-କଣ   ରାଧାନାଥ ଆଜ
ଭଗ୍ନ ତୋହର କୋଳେ
ଶୈଳ ବନାନୀ   ତଟିନୀର ଶିଶୁ
ଦେଖୁଛି ଶରଧା ଖେଳେ ।

ଭକ୍ତ-ପରାଣ   ମଧୁସୂଦନ ହେ
ଗୁରୁ-ପାଦ-ପାଶେ ବସି
ମୌନ ଧ୍ୟାନେ   ବ୍ରହ୍ମଗିଆନେ
ନୀରବେ ଯାଇଛ ରସି ।

ଜୀବନ-ରଙ୍ଗ—   ମଞ୍ଚ ଉପରେ
ଯବନିକା ଟାଣି ଦେଇ
ନାଟ୍ୟ ରସିକ   ରାମ ଶଙ୍କର
ଶୋଇ ତ ପଡ଼ିଛ ଏଇ

ରତ୍ନ-ପ୍ରକାଶ   ମୃତ୍ୟୁଞ୍ଜୟ
ରତ୍ନ ଖୋଜୁଛ ସୁଖେ
ସଜଳ ନୟନେ   ଥରେ ଥରେ ଚୁମ୍ବି
ନଗର ପାହାଡ଼-ମୁଖେ,

ପଲ୍ଲୀ-ବିଭୋର   ନନ୍ଦକିଶୋର
ଗାଉ କୁସୁମର ମାୟା
କାଠଯୋଡ଼ୀ ନଦୀ—   ସିକତା ପୁଲିନେ
ଅଛି ତୋର ଛାୟା ।

ପ୍ରଗତି ପଥର   ତରୁଣ ପଥିକ
        ପ୍ରବୀଣ ବିଶ୍ୱନାଥ
ସାହିତ୍ୟ ଶିଳ୍ପୀ   ସୃଷ୍ଟିର ଅଶେଷ
        ଭରିଛ ଜୀବନ ପାତ୍ର ।

ମାତୃଭାଷାର   ଗୌରବ ଦାତା
        କଥା-କବି ପ୍ରମୁଖଙ୍କ,
ତୋର ବୁକେ ବସି   ଜୀବନର ପଥେ
        ଆଜିରେ ସ୍ମୃତି ଅଙ୍କ ।

ଏତେ ଏତେ କବି   କୋବିଦର ସ୍ମୃତି
        ବହିଅଛୁ ତୋର ପଥେ
କପରି କହିବ   ଶମଶାନ ବୋଲି ?
        ହେ ସତୀଚଉରା ତଟେ ।

ଗ

ଲକ୍ଷ ତୋହର   ବକ୍ଷ ବିତାନେ
        ସଞ୍ଚିତ ବହୁ ଧନ
ଲକ୍ଷ ସପନ   ଲକ୍ଷ ମନନ
        ବହୁତ ମହତ୍ ମନ

ଅଶିର ଉତ୍ପାତେ ସୁପ୍ତ ବହୁଛ
ଆତ୍ମା ଉଠୁଛି ଝଳି,
ଦିବସ ଗଗନେ ଗୁପ୍ତ ଯେସନେ
ଦୀପ୍ତ ତାରକା ବଳି ।

ମୃତ୍ୟୁର ପଥ ସ୍ନେହ ଦୀପୋଜ୍ଜ୍ୱଳ
ଦିଅ ପୂର୍ଣ୍ଣିତ ଭାବ,
ମୃତ୍ୟୁରେ ଜିଣି ଏ ମୋର ଜୀବନେ
ଜୀବନ କରିବ ଲାଭ ।

ସ୍ୱାଗତ ହେ ଚିୟାଙ୍ଗ୍ କୈଶେକ

ସ୍ୱାଗତ ହେ, ଚ୍ୟାଙ୍ଗ୍ କୈଶେକ,
ଯେନ ଆଜ ଅମର ଏ ପ୍ରାଣ-ଭରା ପ୍ରୀତି ଅଭିଷେକ ।

ତୁମର ଆମର ମୈତ୍ରୀ ଆଜ ନୁହେ ଯୁଗ ଯୁଗ ଧର
ପ୍ରାଣେ ପ୍ରାଣେ ରହୁ ଅଟୁ ଭରି ।
ଆମ ବୁଦ୍ଧ ଯେଉଁ ବାଣୀ କେଉଁ ଦୂର ଶତାବ୍ଦୀର ତଟେ
ଢାଳିଥିଲେ ଅନ୍ତରେ ଅନ୍ତରେ ।
ଯେନ ତାହା ତୁମେ
ତବ ଶତ ଭୂମେ
ପବିତ୍ର ରକ୍ଷିତ ତାହା ଶିଳା ଚୈତ୍ୟ ସ୍ତୂପେ
କେତେ କେତେ ରୂପେ ।
ମହାଭିକ୍ଷୁ ରାଜେଶ୍ୱର ଶ୍ରୀହର୍ଷ ଅଶୋକ
ଲଭି ପ୍ରେମାଲୋକ,
ରଚିଥିଲେ ହୃଦୟ-ନନ୍ଦନ
ପ୍ରେମର ବନ୍ଧନ,
ତୁମର ସମ୍ରାଟ ସଙ୍ଘ
ବରିଥିଲେ ପ୍ରାଣ-ବନମୟ ।

ଆମର ଏ ଜନ୍ମଭୂମେ ଯୁଗ ଯୁଗ ଆଲୋକର ଜନ୍ମଭୂମି ମହୀ
ତୁମର ଧରଣୀ
ପଠାଇଛୁ ଆପଣା ସନ୍ତାନେ
ନିତ୍ୟ ନବ ଆଲୋକ ସନ୍ଧାନେ ।
ହୁଏନଂ ସାଂ ଆସିଥିଲେ ଫାହିୟାନ ଆସିଥିଲେ ଏପଥେ
ଆସିଥିଲେ କେତେ ।
କେତେ ଯେ ଅତିଥି ପୁଣି କେତେ ଅନ୍ତେବାସୀ
ନାଲନ୍ଦାର ବିଦ୍ୟାପୀଠେ ଆସି
ଲଭୁଥିଲେ ଜ୍ଞାନ
ଜୀବନର ଚରମ ସମ୍ମାନ ।
ଆଜି ତୁମେ ଆସିଅଛ ଗୁଇନାର ଭାଗ୍ୟ ନିୟାମକ
ତୁମର ଅର୍ଚ୍ଚନେ ଆଜି ମିଳନର ଶଙ୍ଖ
ବାଜେ—ବାଜୁଥାଉ ଏ ଭାରତମୟ
ଜୟ ଭାରତର ଜୟ, ଗୁଇନାର ଜୟ ।

ସ୍ୱାଗତ ହେ ଶସ୍ତାଙ୍ଗ୍ କୈଶେକ
ଘେନ ଆଜି ଆମର ଏ ପ୍ରାଣ-ଭରା ପ୍ରୀତି-ଅଭିଷେକ ।

ଦେହ—ଗୌର ତନୁଟି ଢଳ ଢଳ
ହସ—ଶିଶିର ସ୍ନାହାନେ ଛଳ ଛଳ
ତାର ହୃଦୟେ ଅଛୁତ ଅଭିଳାଷ !
ଉଷା ଦେଉଳ ଦୁଆରେ ବାରମାସ ।

ଖର ବଇଶାଖ-ତାପେ ସିଝି ସିଝି
ଝର ଝର ବରଷାରେ ଭିଜି ଭିଜି
ଭର ମାଘମାସ ଶୀତେ ଥରି ଥରି
ସିଏ ସବୁଦିନେ ଉଭା ସେବ ସଖି

ତାର ବୁକୁର ବ୍ୟାକୁଳ ବେଦନାରେ
ତାର ଅନ୍ତର ଭରା ସାଧନାରେ
ମୁହଁ ମୁଗ୍ଧ କିଶୋର ଦୀନ ଭଳ
କାଳ ନିରେଖଇ ତାର ଦୀନ ଛବି ।

ଆଜି ମନ୍ଦିର ପଥ ନିଘଟିଆ,
ମୁଁ ତ ଯାଉଥିଲି ଏକା ଏକାଟିଆ
ହେମ ଉଷାର କିରଣ ରୂପସ୍ୱରେ
କିସ ଇଙ୍ଗିତ ଦେଲା ମୋର ଅଗେ।

ଢେଟେବ ଅଧୀର ସମୀର ଷରବାହେ
ଉଠେ "ସତ୍ୟ ସୁନ୍ଦର ଶିବ ଅହେ"।
ତାର ମରମ ବାସନା ହୃଦବାଣୀ
ଏବେ ଏତେ ଦିନେ ପାରିଲି ମୁଁ ଜାଣି।

ଯା[illegible] ଜୀ[illegible]ରେ ନାହିଁ ପଞ୍ଜର
ଡା[illegible] [illegible] ନାହିଁ ଗଞ୍ଜର।
[illegible] ସ୍ର ମାସ ଧରି
ସି[illegible] [illegible] ଉଷ୍ମ ସେଇପରି।

କାହିଁ ପାଇଁ ଏତେ ଭେଦ ?

କାହିଁ ପାଇଁ ଏତେ ଭେଦ ହେ ଦେବତା
କାହିଁ ପାଇଁ ଏତେ ଭେଦ
ଭ୍ରାନ୍ତ ମାନବ ବୁଝି ପାରୁନାହିଁ
ସହଜ ତୁମର ବେଦ ।

ସନ୍ଧ୍ୟା ଲଗନେ ତୁମର ଧିଆନେ ବସି
ହିନ୍ଦୁ ପୂଜଇ ମନ୍ଦିର କୋଳେ ବସି;
ବୌଦ୍ଧ ମାଗଇ ଚରଣେ ତୁମର
ହିଂସାର ଉଚ୍ଛେଦ ।

ଚରଚେ ପ୍ରେମର ସଙ୍ଗୀତ ଗାଇ
ଅରଚେ ଖ୍ରୀଷ୍ଟିୟାନ୍
ମସ୍‌ଜିଦ୍ କୋଳେ ଗମ୍ଭୀର ସ୍ୱରେ
ଡାକଇ ମୁସଲମାନ୍ ।

କାହାର ପୂଜା କି ଅଧିକ ତୁମର ପ୍ରିୟ ?
କାହାର ପୂଜା କି ଉତ୍ତମ କମନୀୟ ?
ଧର୍ମର ନାମେ କାହିଁ ପାଇଁ ତେବେ
ପଡ଼ଇ ରକ୍ତ ମେଦ ?

ଧୂଳିଆ ବାବା

୧

ଧୂଳିଆ ବାବା ରେ ଧୂଳିଆ ବାବା
ବଦନରେ ତୋର ଉଜଳ ଆଭା ।
ଦିଗମ୍ବର ତୁ ବାଇଆ ଭୋଳା
ଦେହରେ ଧୂଳିର ବିଭୂତି ବୋଳା ।
ଗ୍ରାମ ଦାଣ୍ଡରେ ଧୂଳିରେ ବସି
ଧୂଳି-ଖେଳରେ ତୁ ଯାଉଛ ରସି ।
ଗଢ଼ି ଦେଉ ତୋର ଧୂଳିର ପୁର
ଧୂଳି ଉଦ୍ୟାନ ଧୂଳିର ଫୁଲ ।
ରୁଣ୍ଡିରେ ତୋହର ଧୂଳିର ଧାନ
ବାଢ଼ୁ ତୋ ଧୂଳିର ଅନ୍ନ ପାନ ।
ଧୂଳିଠାରୁ ଭଲ ପାଉଛୁ କିସ
ଧୂଳିରେ ଭୁଲୁଚୁ ଅହର୍ନିଶ ?

୨

ପଙ୍କେ ପଦୁଅଁ ଫୁଇ ଭଳିରେ
ଧୂଳିଆ ବାବା ତୁ ଲୋଟୁ ଧୂଳିରେ ।

କ୍ଷୁଦ୍ର ତୋହର ଗୋରା ବଦନ
ଦଶଇ କେଉଡ଼କ ତୋରା ଶୋଭନ ।
ଗୋଲାପ ବରଣ ଲଳିତ ଓଠେ
ଅଲପ ହସର ଲହରୀ ଲୋଟେ ।
ସୁନୀଳ ମେଦୁର ଯୁଗଳ ଆଖି
ଗୁପତ ହୃଦର ନୀରବ ସାକ୍ଷୀ
ବାହାରେ ଦଶୁଚୁ କି ସୁନ୍ଦର
ଭିତରେ ନିଶ୍ଚେ ସୁନିର୍ମଳ ।
ନୋହିଲେ କପଟ ଧୂଳିରେ ଗଢ଼ି
ଦଶୁଥାନ୍ତୁ ତୋର ପଦୁଅଁ କଢ଼ି ।

୩

ଧୂଳିଆ ବାବା ରେ ଧୂଳିଆ ବାବା
ଜୀବନରେ ତୋର ଅମର ଆସ୍ଥା ।
ଅନ୍ତରେ ତୋର ଅସିତ ସ୍ନେହ,
ଏଇ ଧୂଳି ହେବ ସମାଧି-ଶେଷ ।
ଏଇ ଦେହ ତୋର ସମାଧି-ଧନ
ଧୂଳି ଭୂଲେ ମିଶି ହୋଇବ ଲୀନ ।
ତେଣୁ ସିନା ତୋର ଧୂଳିରେ ପ୍ରୀତି
ଧୂଳିଆ ଧୂସର ହେଉଛୁ ନିତି ।
ତେଣୁ ସିନା ତୁହି ପରାଣ ଭରି
ଧୂଳି ପୂଜା କରୁ ଭକତ ପରି ।
ଧୂଳିରେ ଲୋଟୁଚୁ ନିର୍ବିକାର
ଧୂଳିକି ମଣୁଚୁ ସତ୍ୟ ସାର ।

୬

ଧୂଳିଆ ବାବାରେ ପ୍ରବୀଣ ହୁଉ
ନୋହୁ ଅଜ୍ଞାନ ନୋହୁ ବାତୁଳ ।
ଶୁକ୍ଳ କେଶରେ ଶୋହେ ଯା ଶିର
ସେ ନୁହେ ବୃଦ୍ଧ ନୁହେ ଥବିର ।
ହୃଦେ ଯାର ଭରା ପରମ ଜ୍ଞାନ
ସେ ଏକା ବୃଦ୍ଧ ଗୁରୁ ସମାନ ।
ଶିଶୁ ହୋଇ ହୁଉ ଜଗତ ଗୁରୁ
ଧୂଳିବାଦ ଘୋଷୁ ଧୂଳିର ପୁରୁ ।
ହୃଦର ଅଜଣା ଗୁପତ ଜ୍ଞାନ
ଦସେଟି ଭାଷାରେ କରନ୍ତୁ ଗାନ ।
"ସାରା ବିଶ୍ୱର ଧୂଳିରେ ଲୟ
ଧୂଳିର ଜୟରେ ଧୂଳିର ଜୟ ।"

କୃଷ୍ଣପକ୍ଷ ଓ ଶୁକ୍ଲପକ୍ଷ

କୃଷ୍ଣପକ୍ଷ କହଇ ବକ୍ଷ [illegible]
ଶୁକ୍ଲପକ୍ଷେ ଚାହିଁ
"ବିଶ୍ୱର ଏତେ ନିର୍ଦ୍ଦୟତା
ଦେଖୁଛୁ ତ ଆରେ ଭାଇ ।

ଜୀବନେ ତୋହର ଯେତିକି ଆଲୋକ
ଜଗତେ କରୁଛୁ ଦାନ
ସେତିକି ଆଲୋକ ଦେଉଅଛୁ ମୁହିଁ
ନୁହଇ ତ ତାହା ଆନ

ଛୁଅ କର୍ଣ୍ଣ ତାର ପ୍ରିୟ ଅଦୃତ
ଅନାଦୃତ ମୁଁ ସତେ
ଶୁକ୍ଲ ବୋଲି ସେ ଡାକଇ ଜଗତରେ
କୃଷ୍ଣ କହଇ ମତେ ।"

ଶୁକ୍ଳପକ୍ଷ   ବଢ଼ଇ ସହାସେ
କୃଷ୍ଣପକ୍ଷେ   ତେଣୁ,
"ବୃଥା ତୁ ବାନ୍ଧିଲୁ   ନିନ୍ଦୁ ଜଗତେ
ନାହିଁ ତାର ଦୋଷ ହେଣୁ।

ଅନ୍ଧାର ଘେନି   ନିତି ନିତି ମୁହିଁ
ଶୁଭ୍ର ଆଲୋକ ଯୁକ୍ତେ
ଶୁଭ୍ର ଆଲୋକ-   ଙ୍କ ଦେଇ ଦେଲି
ଅନ୍ଧାର କରୁଛୁ ଯେ।

ଭାବି ଥରେ ଦେଖି   ଆପଣାର ଦୋଷ
ନାହୁଁ ଏଥି ଅବସର
ଆପଣା ଭିତରେ   ରୁହିଁ ଦେଖି ଏବେ
ସବୁ ଦୋଷ ଆପଣାର।"

କୌମୁଦୀର ଅବଦାନ

"ବଦେଶେ ମାତୃଭୂମି ମୋର ମାତୃକଣ୍ଠ ପାଶେ",
ବଡ଼ଗଡ଼-ବନ୍ଧୁ ମଞ୍ଚେ ବାପୁଜୀ ଉଲ୍ଲାସେ
ସମ୍ଭାଷିଲେ, "ହରିଜନ, ତୁମେ ସବୁ ଜାଣ
ଆମର ଏ ଦେଶେ ପାଏ କେତେ ଅପମାନ,
ଆଜି ସେଇ ଅପମାନ ଦୂରିବାର ଲାଗି
ମହାଭିକ୍ଷୁ ବୁଲେ ମୁଁ ଯେ ଭିକ୍ଷା ମାଗି ମାଗି ।
ମୋର ଆବେଦନ ଏତେ ସ୍ୱର୍ଣ୍ଣ ଅଳଂକାର
ବହୁଅଛ ଆପଣାର ଅଙ୍ଗ କରି ଭାର;
ତୁମେ କିଛି କିଛି ତହୁଁ କରି ଅଳ୍ପ ଦାନ
ଜଗତର ଆଗେ ରଖ ସ୍ୱଜାତିର ମାନ ।"

ସରେ-ସରେ ମଞ୍ଚ ପରେ କଳ-କୋଲାହଳେ
ଠୁଳ ହୋଇଗଲା ଦାନ ଗାନ୍ଧି-ପଦତଳେ ।

କେ ଦେଲା ନାସାର ମୋତି, କେହୁ କର୍ଣ୍ଣପୂର
କେ ଦେଲା ବଳୟ ଅବା କେ ଦେଲା କେୟୂର,
କେ ଦେଲା କଣ୍ଠର ସ୍ୱର୍ଣ୍ଣମାଳା,

ମାନ୍ଧ ଦେଶ,

କୌମୁଦୀ ତଥ, ମାଳଦାସୀ କୁମାରିକା ଏକ
ଅଙ୍ଗୁ ତାର ଖୋଲି ଦେଲା ସକଳ ଭୂଷଣ,
ହସ୍ତୁ ଦେଲା ଦୁଇଟି ଯା କନକ-କଙ୍କଣ
କଣ୍ଠୁ ତହୁଁ ଫିଟାଇ ତା ଜମ୍ବୁନଦ-ହାର
କୁତୁହଳେ ଢାଳି ଦେଲା ପୂଜା ଉପହାର,
ସବିସ୍ମୟେ ଜିଜ୍ଞାସିଲେ ତହୁଁ ମହାରାଜ,
"ତୁମର ଏ ଦାନେ ତୁମ ପିତା ମାତା ରାଜ ?"
ଉତ୍ତର ସେ ଦେଲା ନାହିଁ, ଅନ୍ତର ଦାନ ସେ
ହସି ଦେଲା ଉଚ୍ଛ୍ୱସିତ ନବପୁଷ୍ପ ମାନସେ,
ଭର୍ତ୍ତୃ ତାର ଦେଲା ପୁଣି ସ୍ୱର୍ଣ୍ଣ ଅବଗୁଂଠ
ଅଧର ନୟନ ତାର ଧୀରେ ହସ ହସ
ନବ ରାଗେ ।

ପଚାରିଲେ ପୁଣି ମହାରାଜ,

"ତୁମର ଏ ଦାନେ ତୁମ ପିତା ମାତା ରାଜ ?"
ମଣ୍ଡିତ କରମେ ମୋର ଅଳଙ୍କାରମାନ
ଅନାବିଲ ମନେ ମୁଁ ତ କରୁଅଛି ଦାନ
ମହାତ୍ମା ଚରଣେ ତଳେ, ତେବେ କାହିଁ ପାଇଁ
ଏଥି ମୋର ପିତା ମାତା ରାଜି ହେବେ ନାହିଁ ?"

ବାଳିକାର ଅବଦାନ, ବାଳିକାର କଥା
ସଚକିତେ ଦେଖୁଥିଲ୍ଲ ବିପୁଳ ଜନତା ।

ଧୀରେ—ଅତି ଧୀରେ ପୁଣି ପୁଚ୍ଛିଲେ ବାପୁଜୀ
"କଲ୍ୟାଣୀଗୋ, ଏଥି ସବୁ ପାରୁଚ ତ ବୁଝି ?
ଦେଉଛ ଏ ଅଳଙ୍କାର ଏ ଯେ ଆଭରଣ
ଆଉ ତ ପିନ୍ଧିବା ଲାଗି ନ କହିବ ମନ
ସୁଦୀର୍ଘ ଏ ଜୀବନେ କୁମରୀ ?"

"ମହାତ୍ମନ୍,
ସକଳ ପାରୁଛି ବୁଝି ଏ ମୋହର ମନ,
ସ୍ୱର୍ଣ୍ଣ ରୌପ୍ୟ ଅଳଙ୍କାର ଅଙ୍ଗ-ଆଭରଣ
ନୁହଇ ନାରୀର କେବେ ଏକାନ୍ତ ଭୂଷଣ ।
ହୃଦର ସଦ୍‌ଗୁଣ ସଙ୍ଗେ ହୃଦୟ-ରଞ୍ଜନ
ଛର ଅମଳିନ ତାହା କରିବ ଅର୍ଜନ ।
ଆଶୀର୍ବାଦ କର ମତେ ନ ଲୋଡ଼ିବ ଆନ
ଅଳଙ୍କାର ।"

ବାଳିକାର ହୃଦୟେ ସେଦିନ
ଦେଖି ପାରିଲେ ସେ ଏକ ଅପାର୍ଥିବ ବଳ
ନବଶ୍ରବ, ଶୁଭ୍ର ଭୂଟେ ନବ ମୁକ୍ତାଫଳ ।

"ଅବଦାଜି, ଅଶୀର୍ବାଦ ଘେନ ମୋର ଆଜ,"
ଆନନ୍ଦ-ଗଦ୍‌ଗଦ କଣ୍ଠେ ଗାନ୍ଧୀ ମହାତ୍ମାଙ୍କ
ଜଣାଇଲେ "ତୁମେ ଯେଉଁ ଅଳଙ୍କାରମାନ
ହରିଜନ-ଉନ୍ନୟନେ ଢାଳି ଦେଲ ଦାନ
ମୋର ହାତରେ, ମୂଲ୍ୟ ତାର ଜାଣିବ ମୁଁ ସିନା,
ମାତ୍ର ଯେଉଁ ଅବଦାନ ଆଗୋ ଅର୍ବାଚୀନା
ଏ ତରୁଣୀ ବୟସ ପରେ ଗଲ ତୁମେ କରି
ମୂଲ୍ୟ ତାର ଆଜି ମୁଁ ତ ନ ପାରିବି କଳି ।"

ବିଟ୍‌ଲସ୍—ସେ ତ ମରିନାହିଁ

ସୁନ୍ଦର ଗୃଇନା ସମସ୍ତଙ୍କୁ
ବିଟ୍‌ଲସ୍ ଆଉ ଫେରି ନାହିଁ,
କିଏ ସେ କହୁଛି ମରିଗଲା ବୋଲି
ମୁଁ କହୁଛି ସେ ତ ମରିନାହିଁ ।

ଘରଚର ନୁହେଁ ଗୃଇନାର ନୁହେଁ
ଅଙ୍କ ସେ ତ ସାରା ଭୁବନର,
ଅସ୍ତମ୍ଳାନ ସେ ଦୀପ୍ତ ତାରକା
ନିଖିଳ ହୃଦୟ ଗଗନର ।

କିପରି ମରିବ ?
ମରିନାହିଁ ସେ ତ ମରିନାହିଁ
କିଏ ସେ କହୁଛି ମରିଗଲା ବୋଲି
ଯେ କହୁଛି ସେ ତ ଆତତାୟୀ ।

ଚୀନାର ବୁକେ ଜାପାନର ଦେଖି
ହିଂସା ସମର ଲୀଳା
ଭାରତ ଅମର ସମବେଦନାର
ସେନା ପଠାଇ ଥିଲା ।

ବକ୍ଷେ ନ ଦେଇ ହିଂସ୍ର ବାସନା
ଅସ୍ତ୍ର ନ ଦେଇ କରେ
ମଣିଷ ସେବାର ମୈତ୍ରୀ ସାଧନା
ଦେଇଥିଲା ଅନ୍ତରେ ।

ସେ ଦଳର ଏକ ଯୋଦ୍ଧା ଥିଲା ସେ
ତ୍ୟାଗର ଦୀକ୍ଷା ବର
ଚୀନାର ବୁକେ ଯାଇଥିଲା ଛାଡ଼ି
ଦୀପ୍ତ ଜୀବନ ଧର ।

କମାଣ ଜାଳଇ ମଣିଷ ଜୀବନ
ଗୁଳି ଯେଉଁଠାରେ ଧାଏଁ
ମଣିଷର ସେବା କରୁଥିଲା ସିଏ
କରାଳ ସେ ଭୂଇଁ ଭାଗେ ।

ଗୃହୁଁ ଗୃହୁଁ ସିଏ ଅପରିଚିତରେ
କରଅଛୁ ଆପଣାର
ସମବେଦନାରେ ଢାଳି ଦେଉଅଛୁ
ନୟନର ଲୁହଧାର ।

ଧୋଇ ଅଛୁ ସେଇ ନୟନର ଲୋତକ
ଯେତେ ଆହତର ଲଜ୍ଜା,
ଆହତ ଜନର ଦୁଃଖ ମୋଚନେ
ଆଘାତ ସହିଛ ବନ୍ଧୁ ।

ନିଃଶେଷ ଭାବ ଦେଇଛ ନିଜକୁ
ପରପାଇଁ
କିଏ ସେ କହୁଛି ମରିଗଲା ବୋଲି
ମୁଁ କହୁଛି ସେ ତ ମରିନାହିଁ ।

ଗୁଇନା ଭୂମିରେ ଉଚ୍ଛଳ ଢାଳିଛି
ଶସ୍ତ୍ର ଦେଇଛି ଢାଳି,
ସାରା ଦେଶଟାରେ ତ୍ୟାଗର ଧ୍ୱଜ ସେ
ଦେଇଛି ଉଚ୍ଚ କରି ।

ଗୁଇନା ଦେଶର ହଜାର ହଜାର
ହୃଦ ଆବରଣ ଚିରି
ଭରି ଦେଇଅଛି ଧୈର୍ଯ୍ୟ ସାଧନା
ତ୍ୟାଗର ଅରୁଣ ରଶ୍ମି ।

ସ୍ପର୍ଦ୍ଧାରେ ଭାରତ ଉତ୍ତର ନେବେ
ଧ୍ରୁବ ତାରକାର ପ୍ରାଣେ
ଆତ୍ମା ତାହାର ଜଳି ଉଠୁଅଛି
ଦିବ୍ୟ ଆଲୋକ ଗାନେ ।

ସଘଣେ ପଘଣେ ଅମର ଜୀବନେ
ବଞ୍ଚି ରହୁଛି ସେଥିପାଇଁ
କିଏ ସେ କହୁଛି ମରିଗଲା ବୋଲି
ମୁଁ କହୁଛି ସେତ ମରି ନାହିଁ ।

ଘାସ-ଫୁଲ

ନାହିଁ ମୋର ସଉରଭ, ନାହିଁ ମୋର ମଧୁ
ଭ୍ରମର କହେ ନା ମତେ ପ୍ରୀତି-ଗୁଞ୍ଜ ଗିରେ;
ଠାକୁର ମଣ୍ଡନେ ମତେ ଯୋଗେ ନାହିଁ ବଧୂ
ଚଢେ ନାହିଁ କେବେ ମୁଁ ତ ଦେବତାର ଶିରେ ।

କ୍ଷୁଦ୍ର ମୁହିଁ ପଡ଼ିଥାଏ ସଦା ଭୂମିତଳେ
ଧରି କ୍ଷୁଦ୍ର ଜୀବନର କ୍ଷୁଦ୍ର ଇତିହାସ;
ପ୍ରଭାତେ ବିନ୍ଦୁଏ ହିମ ଧରି ବକ୍ଷସ୍ଥଳେ
ମୁଁ ମୋର ଦେଖାଏ ଭବେ ଅଶ୍ରୁ ଧୂଆ ହାସ ।

ଲୋଡ଼େ ନାହିଁ କେବେ ମୁଁ ତ କାହାର ସୌଭାଗ୍ୟ,
ଚଢ଼ିବାକୁ ଦେବତାର ମସ୍ତକ ଉପରେ,
ଲୋଡ଼େ କିନ୍ତୁ ନିଖିଳର ଚରଣ-ପରାଗ;
ଶିରେ ମୋର ପାଦ ଦେଇ ଯାଆନ୍ତୁ ସକଳେ ।

ତହିଁ ମୋର ସଦାନନ୍ଦ ତହିଁ ମୋର ତୁଷ୍ଟି
ତହିଁ ମୋର ମଧୁମୟ ଜୀବନର ସୃଷ୍ଟି ।

ବିଦ୍ୟୁତ

ନୀଳମେଘରୁ ଝରିପଡ଼େ ନବ ବୃଷ୍ଟି ଧାର
ବଜ୍ର ଲମ୍ଫେ, ଦିଗନ୍ତମେ ଥରେ ସୃଷ୍ଟି ସାର
ହେ ବିଦ୍ୟୁତ, ଘନ ମେଘ ସ୍ତର ଭେଦ କରି
ନିଗାଟିଏ ମୁହୂର୍ତ୍ତ ପାଇଁ ଉଠୁ ତୁହି ଜଳି ।

ଅନ୍ଧକାରର କରି ଦେଉ ଆଲୋକ ବିକାଶ
ଅଶ୍ରୁ ବରଷାର ଦେଶେ ଦୃଶ୍ୟ ଦେଉ ହାସ ।
ହତାଶାର ରୁଦ୍ଧପଥେ ଝଲକାଉ ଆଶା
ମୂକ ମୁଖେ ଭରିଦେଉ ପ୍ରାଣ-ଖୋଲା ଭାଷା ।

ମୁହୂର୍ତ୍ତକ ଲାଗି ଏ ଯେ ଉନ୍ମେଷ ତୋହର
ଜନମ ତୋହର ତହିଁ ସାର୍ଥକ ସଫଳ ।
ଜୀବନ ସାର୍ଥକ ନୁହେଁ ଶତବର୍ଷ ମାସେ
ଜୀବନ ସଫଳ ଏକା ମୁହୂର୍ତ୍ତି ବିକାଶେ ।

ଅଳପ ହୁଅନ୍ତା ପଛେ ଜୀବନ ମୋହର
ହୁଅନ୍ତା କି ତୋହ ପରି ଉଜ୍ଜ୍ୱଳ ସୁନ୍ଦର '

କୃଷ୍ଣଚକ୍ର ଗଡ଼

୧

ଫେର ଗର୍ଜ୍ଜିଁା ଥରେ   ଫେର ଗର୍ଜ୍ଜିଁା ଆଜି
କୃଷ୍ଣଚକ୍ର ଗଡ଼
ଆଜି ପୁଞ୍ଜିତ   ଅନ୍ଧାର ଭାଙ୍ଗି
ଆସିଛି ଆଲୋକ ଝଡ଼ ।

ନିବେଦନ ପରେ   ଶାସକ ଆମର
ପରଦେଶୀ ସରକାର
କାଳସ୍ରୋତ ସ୍ରୋତ   ଚାଲି ଯାଇଅଛି
ସିନ୍ଧୁର ଆର ପାର ।

ଭାରତ ଜନନୀ   ଧାଇଅଛି ଆଜି
ମୁକ୍ତିର ଗଉରବ
ପଥେ ପଥେ ଦେଖ   ଜାଗୁଛି ସହସ୍ର
ଉତ୍ସବ କଲରବ ।

ଜାଗରେ ଶହୀଦ ଜାଗ
ପ୍ରାଣଭରି ଏଇ   ଉତ୍ସବେ ଆଜି
ଅଛି ରେ ତୋ ହିଁ ଭାଗ ।

୨

ଶହେ ବର୍ଷର ତଳେ
ଝାଡ଼ଖଣ୍ଡରେ ବିପ୍ଳବ-ନିଆଁ
ଜାଳି ଦେଇଥିଲୁ ଥରେ ।

ଆମ ଓଡ଼ିଶାରୁ ବିଦେଶୀ ଶାସନ
ଦୂର କରିଦେବା ଲାଗି
ଅଗ୍ନେୟଗିରି ସଦୃଶ ଦର୍ପେ
ରୁଦ୍ର ଉଠିଥିଲୁ ଜାଗି ।

ପଠାଉଥିଲୁ ତୋ ପାଇକ ବାହିନୀ
ହୁଙ୍କାର ନିର୍ଭୟ
ଶୁଣାଉଥିଲୁ ତୋ ରଣ-ଦୁନ୍ଦୁଭି
ବନ-ଜଙ୍ଗଲ-ମୟ ।

"କାଳ ମରଣର ଭକ୍ତ ଆମେ ନେର
ରକ୍ତ ଆମର ତାଜା
ବିଦେଶୀ ଏ ଦେଶୁ ଗୁଳିପାଠ ଲଭେମ
ଆମେଇ ଆମର ରାଜା ।"

ସିନ୍ଧୁ, ଭୁବନ ସେନାପତି ତୋର
ଗୁଉଥିଲେ ଯେଉଁ ଡାକ
ବନ୍ତ-ନିଆଁ ଧରି ବଣ ଜଙ୍ଗଲେ
ମାତଗଲା ଗୃହପାଣ ।

ପତଙ୍ଗ ପରି ଶତ୍ରୁ ଶତ ଯୁଦ୍ଧା
ସେଇ ଶିଖା ନେଲେ ବର
ବାହାର ପଡିଲେ ନଳ ବନ୍ଧୁକ
ଅସି ଧନୁଶର ଧରୁ ।

ବିଜୟ ଲକ୍ଷ୍ମୀ ପାଇ ପାରିଲୁ କି ?
ତାହାର ଥିଲୁ ଯେ ଚେତେ
ଭାଗ୍ୟ ଲିପିର ବଞ୍ଚନାରେ ତୁ
ଶୋଇଲୁ ମରଣ ଶେଯେ ।

ଅଷ୍ଟମ୍ବ ତୋହାର ଦଷ୍ଟିତଳର
ରକ୍ତ୍ର ହେଲ ଡାଲି
ଦେଶ ଜନନୀର ଚରଣ ପୂଜିଲୁ
ରକ୍ତ-ମଶାଲ୍ ଜାଳି ।

ବିଫଳ ହେଲ କି ତୋର ଅଭିଯାନ
ତୋର ସ୍ୱପ୍ନର ରଣ
କାଳ-ବକ୍ଷରେ ଲାଲ ଅକ୍ଷରେ
ରହିଗଲା ତୋର ପଣ ।

ଶତେକ ବର୍ଷ ପରେ,
ସପନ ତୋହର ସଫଳ ହୋଇଛି
ଦେଖ ଆଜି, ଭାରତରେ ।

୩

ଝାଡ଼ଖଣ୍ଡର ଗୁପ୍ତ ଗଡ଼ ରୁ
ଅନ୍‌ଗ୍ଲଳ ଗୌରବ,
ଦଶ ଦିଗନ୍ତରେ ବାଜିଉଠୁଅଛି
ଜୀବନର କଳରବ

ରୁଦ୍ର ତାଳରେ ମହାକାଳ ଏ ଯେ
ନାଚଉଠେ ସ୍ୱରପାଶେ
ମୃତ୍ୟୁର ବୋତ୍ର ଜାଗ ମୂର୍ଚ୍ଛାନ
ଶଙ୍ଖନାଦକ ମୁଁ ଡାକେ ।

ଜାଗରେ ଶହୀଦ ଜାଗ,
ଝାଣ-ଭଗ୍ନ ଏଇ ଜୟରେ ଆଜ
ଅଙ୍କୁରେ ତୋହର ଭାଗ ।

ବ୍ୟଥିତର ଗୀତ

ବିଶାଳ ଧରଣୀ ଭୂଇଁ
ଏକା ତ ବ୍ୟଥିତ ମୁହିଁ
   ଏକା ମୋର ଆଖି ଦୁଃଖର ଜଳେ ଗୋ
ଧନ ନାହିଁ, ଗୀତ ନାହିଁ,
କେତେ ପରାଣ ତ କାହିଁ
   ଶତ ବ୍ୟଥା ନଇଁପଡ଼େ ମନେ ଗୋ

କେତେ କେତେ ମଲ୍ଲୀ ଫୁଲ
ବନର ମାଳତୀ ଫୁଲ
   ଫୁଟି ଝରେ ଜଗତର ଉଲ୍ଲାସେ,
କେତେ ଯେ କପୋତ ନିତି
ବୁଲବୁଲ ମଧୁର ଗୀତି
   ଗାଇ ବୁଲନ୍ତି ବନ ଗିରି-ପାହାଡ଼େ ।

କେତେ ନଦୀ, କେତେ ନଦ
ସ୍ୱର ଗୀତ ଗଦ୍‌ଗଦ
   ନିଦାଘେ ରହଇ ଅଛି ମଗନେ,
   କେତେ ମରୁ ଦଗ-ହୀନ
   ପଡ଼ିଥାଏ ନିଶି ଦିନ
   ଜଗତର ଉତ୍ସବ ବିହୁନେ ।

କେତେ ପୂର୍ଣ୍ଣମୀ-ଶଶୀ
ଗଗନେ ନ ଉଠୁ ହସି
ଗ୍ରାସିଦଏ ଘୋର ଘନ ଘଟା ଗୋ,
ସାଗରେ କେତେ ଜୁଆର
ଯାଉ ଫୁଲାଇ ବାହାର
ଦେଖୁ ଦେଖୁ ପଡ଼ିଯାଏ ଭଟା ଗୋ ।

ବିଶାଳ ଏ ଧରା ଭୂଇଁ
ଏକା କି ବ୍ୟଥିତ ମୁହିଁ
ଶତ ଶତ ରହିଥିବେ ମୋ ସବ
ହତାଶ ମୁଁ ହେବି କିଆଁ ?
ନନ୍ଦିତ ଭର ହିୟା
ଗାଇବି ଜୀବନ-ଗୀତ-ଲହରୀ ।

ଗୋପବନ୍ଧୁ ହେ ଚଞ୍ଚଳ ଆସ ଫେରି ।

ମୃତ୍ୟୁର କୋଳେ ଯାଇଛ ଦେଶର ନେତା,
ମୃତ୍ୟୁ-ବିଜୟୀ ଦ୍ୱିତୀ ନଚିକେତା ।
ଜନ୍ମ ଭୂଇଁର ମୁକ୍ତି ତୁମର ପଣ
ମୃତ୍ୟୁର ସୂତରେ ଜଗାଇଛ ତୁମେ
ଜୀବନର ଜାଗରଣ ।

ତୁମେ ତ ଆସିବ ଫେରି,
ସାର୍ଦ୍ଧ ଯୁଗ ଏ ବହି ଗଲାଣି ତ
ଆଜ କାହିଁ ପାଇଁ ଡେରି ?

ଦିଲ୍ଲୀର ଲାଲ ଦୁର୍ଗ ଦୁଆରେ
ଜାଗ୍ରତ କୋଳାହଳ
ଭାରତର ହାତୁ ଛୁଟି ସବୁଅଛି
ବନ୍ଧନ-ଶୃଙ୍ଖଳ ।

ଚାହିଁ ଦେଖ, ଚାହିଁ ଦେଖ
ଭାରତ ଭୂଇଁର ସିଂହ ଆସନେ
ଆଜି ନୂଆ ଅଭିଷେକ ।

ଗୋପବନ୍ଧୁ ହେ, ଆଉ କାହିଁ ପାଇଁ ଡେରି
ସ୍ୱାଧୀନ ଭାରତେ ଚଞ୍ଚଳ ଆସ ଫେରି !

ହିନ୍ଦୁ-ମୁସଲମାନ

ଭଙ୍ଗା ବର୍ଣ୍ଣର ଧୂମ ନିଃଶ୍ୱାସ
ଅମ୍ବର ପଥେ ଯାଉ
ଇଷ୍ଟେସନର ବକ୍ଷ ଉପରେ
ଛୁଡ଼ା ହୋଇଗଲା ଗାଡ଼ି ।

ସିକ୍ତ ଚକ୍ଷୁ ମିନତି ରଚଲି
"ଗୁର୍ଖା ସିପାହୀ ଭାଇ
ହିନ୍ଦୁ ହୋଇ କି ହୃଦୟେ ତୁମର
ବନ୍ଧୁ କରୁଣା ନାହିଁ ?

ଦେଢେଦିନ ହେଲା ଏ ଯୁଆଲାପୁରେ
ଆସ୍ଥା ନେଇଚୁ ବାବୁ,
ପ୍ରାଣ ଘେନ ଅମେ ପଳାଇ ଆସିଛୁ
ପଶ୍ଚିମ ପଞ୍ଜାବୁ ।

ସାହାରାନପୁରେ ଏ ଗାଡ଼ି ନେଉଛି
ବହୁତ ମୁସଲମାନ
କାଲି ସଂଧ୍ୟାରେ ଏଇଠାରୁ ଆମେ
ପାଇଅଛୁ ସଂଧାନ ।

ମରମ ଭିତରୁ · ଭାବ ଉଠୁଅଛୁ
ପ୍ରତିଶୋଧ, ପ୍ରତିଶୋଧ
ଦୁଆର ଟିକିଏ ଖୋଲିଦିଅ ବାବୁ
ମନ କରିନେଇ ବୋଧ ।"

ଗୁର୍ଖା ଫଉଜ ଦର୍ପ ଦେଖାଇ
ଗର୍ଜି ଉଠିଲା ରାଗେ
"ଆମର ହାତର ବନ୍ଧୁକମାନ
ପଡ଼ୁଛି ତ ଆଖି ଆଗେ ?

କରୁଣା କରୁଚ ଯାଅ ଚାଲିଯାଅ
ଛାଡ଼ି ଏ ଇଷ୍ଟେସନ
ବୁଝାଇଚ ଯେ ଅସ୍ତ୍ର ଛାଡ଼ିବ
ହସିବ ଅକାରଣ "

ମତ୍ତ ଜନତା ଉତ୍ତର ଦେଲା
"କି କହୁଚ ତୁମେମାନେ
କପର ଜାଣିବ ମରୁଚୁ ଆମେ ଯେ
ଲାଞ୍ଛନା ଅପମାନେ ।

ଘରଦ୍ୱାର ଅବା ଧନ ସମ୍ପଦ
ଧ୍ୱଂସ ହୋଇଛି ଯାହା
ଦୁଇଦିନ ପରେ ଅର୍ଜି ପାରିବୁ
ଅଛି ତ ଆମର ବାହା ।

ଆମର ଉପରେ ଯାହା ଯା କରିଛି
ଏ ମୁସଲମାନ ଜାତି
ସେ ସବୁର ସ୍ମୃତି ମର୍ମେ ରହିଛି
ଲିପ୍ତ ରହିଛି ଘାତ ।

ଦଗ୍ଧ ହୋଇଛି ଘର ସଂସାର
ସ୍ନେହ ମମତାର ଭିଡ଼,
କାହିଁ ଅଛି ନାରୀ କାହିଁ ବା ପୁରୁଷ
ନଷ୍ଟ ଆମର ନୀଡ଼ ।

ମରମ ଭିତରୁ ଡାକ ଉଠୁଅଛି
ପ୍ରତିଶୋଧ, ପ୍ରତିଶୋଧ
ତୁଅର ହିନ୍ଦୁଏ ଖୋଲିଦିଅ ବାହୁ,
ମନ କରି ନେଇ ବୋଧ ।"

"କପର କରିବୁ" ସିପାହୀ କହିଲେ
ମୁଁ ଗୃହସ୍ଥ ତୁମେମାନେ
ସର୍କାର ଯେଉଁ ହୁକୁମ ଦେଇଛି
ତାହାହିଁ ପାଳିବୁ ଆମେ ।

ଭେରିବୁନ୍ ଠାରୁ ଉଦ୍ଧାର କରି
ଅସ୍ତ୍ରଗା ଏ କେତେଜଣ
ସାହାରାନ୍ପୁରେ ନେଇ ଯାଉଅଛୁ
ଛାଡ଼ିଦିଅ ତୁମ ପଣ ।

ବୁଝୁଅଛୁ ତୁମ ଉଦ୍ୟୋଗ ଆଜ
ଜୀବନର ସଂଗ୍ରାମେ
ଅଭାଗା ଏ ସବୁ ଶରଣାର୍ଥୀରେ
ରକ୍ଷା କରିବୁ ଆମେ ।"

"ପାକିସ୍ଥାନର ସର୍କାର ତେଣେ
କଅଣ କରୁଛି ଜାଣ
ହିନ୍ଦୁ ଜାତିର ଧ୍ୱଂସ ସକାଶେ
ଗଢୁଛି ଉପାୟ ମାନ ।

ଦୁନିଆ ଯାକର ଆତତାୟୀ ଆଣି
କରାଉଛି ଏକଜୁଟ୍
ହିନ୍ଦୁ ଜାତିର ଇଜ୍ଜତ ଜାନ
ସବୁ କରାଉଛି ଲୁଟ୍ ।

ମାତ୍ର ଆମର ସର୍କାର ଏଣେ
କରାଉଛି ପ୍ରତିରୋଧ
କେଉଁ ପରି ଆମେ ଅବମାନନାର
ନେବୁ ଆଜ ପ୍ରତିଶୋଧ ।"

"ତୁମେ ତ ଜାଣିଚ କେତେ ଧନ ଜନ
ନୂଆଖାଲି କଥା ଲାଗି
ମୁସଲମାନେ ହତ୍ୟା କରିଲା
ସ୍ୱାର୍ଥ ସାଧନ ଲାଗି ।

ଜବାହର ଲାଲ ହୁକୁମ ଦେଲେ ଯେ
ବିହାର ଭୂଇଁର ବୁକେ
ହଜାର ହଜାର ହାନ୍ଦୁ ଝଡ଼ିଲେ
ଗୁଳି ବନ୍ଧୁକ ମୁଖେ ।

ସେହି ସର୍କାର ଆମ ଭାରତରେ
ଶାସନ କରୁଛି ଆଜି
ପରିଣାମ କଣ ଭାବ ପାରୁନାହିଁ
ଦେଖୁଚ କି ସ୍ୱପ୍ନା ବାଜି ?

ବହୁତ ଅମେ ରେ କରୁଣା କଲୁଣି
ହେଲୁଣି ବହୁତ ବେଳ
ବନ୍ଧୁକ ଆଗେ ଅକାରଣ ଆଉ
କର ନା ମରଣ ଖେଳ ।"

"କାହାକୁ ଅମେରେ ମିନତି କରୁଚ୍
ମରଣ ଯେ ଆମ ଖେଳ,"
ଅଖିର ନମେଷେ ଜନତା-ସିନ୍ଧୁ
ହୋଇଗଲା ଉଦ୍‌ବେଳ ।

କଣ୍ଠର ସେଲେ କାହା କଥା ଆଉ
କେହି ନ ଶୁଣିଲେ ଜମା
ବାଟିଯୁନ ପଥେ ଗାଢ଼ ଉତରଲା
ଫିଙ୍ଗିଲେ ହାତ ବୋମା ।

ଗାଡ଼ିର ଭିତରେ ଶହ ଶହ ଲୋକ
ଠେଲି ପଡ଼ିବାର ଦେଖି
ଗୁର୍ଖା ସିପାହୀ କଅଣ କରିବେ
ବନ୍ଧୁକ ଦେଲେ ଟେକି ।

ଧୁଡ଼ୁମ ଧୁଡ଼ୁମ ନିର୍ଘୋଷେ ତହୁଁ
ଫୁଟାଇଲେ ବନ୍ଧୁକ୍
ଗୁଳି ମୁଖେ ତହୁଁ ଲୁପ୍ତ ହୋଇଲେ
କେତେଗୋଟି ମୃତ୍ୟୁ-ମୂକ୍ ।

ଇଂରେଜ ଗ୍ରନ୍ଥ ଯାଇଛନ୍ତି ଭୁଲି
ଜ୍ଞାନ-ବୃକ୍ଷର ଫଳ
ଯାହାକୁ ଖାଇଲେ ଜଗତରେ କାର
ହେବ ନାହିଁ ମଙ୍ଗଳ ।

ସେଇ ଫଳ ଖାଇ ଆମ ଦେଶେ ଆଜି
ହିନ୍ଦୁ ମୁସଲମାନ
ରକ୍ତରେ ହାତ ନରକ ଗଢ଼ୁଚ
ଗଢ଼ୁଚ ଜାହାନ୍ନାମ ।

ନବ ଉତ୍କଳ

ନବଜାତକ ମୋ ନବ ଉତ୍କଳ
ନିଖିଳ ଭାରତେ ତୋଳିଛି ମଥା
କୋଟି ଅନ୍ତରେ ଉଚ୍ଛୁଳଇ ଆଜି
ନବ ଭାବ, ନବ ପ୍ରଫୁଲ୍ଲତା ।

ରାଜା ଫେରି ଅଛୁ ଦୀନ ଅଙ୍ଗନେ
ପ୍ରଜା ବସିଅଛୁ କୃଷକ ସେଠେଲ
ଦେଶର ଜାତିର ଇତିହାସ ବୁକେ
ନବ ମୟୂଖର କାନ୍ତି ଖେଳେ ।

ମହୋଦଧି ଆଜି ନାଚି ଉଠୁଅଛୁ
ଲେଲ ହିଲ୍ଲୋଳ ନୃତ୍ୟ ତାଳେ
ବର୍ଣ୍ଣିତ ଲୀଳା—ଭଙ୍ଗେ ଖେଳିବା
ଭାକର ସଜନୀ ଅଂଶୁଯାନେର ।

ସ୍ଫୀତ ବକ୍ଷରେ ମହାନଦୀ କହେ
"ଭାସ୍ୱ ବହିଥିଲେ ଅମର ଗାଥା
ମୋହର ଦେଶର ମଙ୍ଗଳ ଲାଗି
ବନ୍ଧ ମୁଁ ବୁକେ ନେଇଛି ବାନ୍ଧି ।"

ବ୍ରାହ୍ମଣୀ କହଇ ଋଷିକୁଲ୍ୟାରେ
"ବହି ନେଇ ଛାର ଜୀବନ ଆମେ,
ଭରି ଦେବା ଆମ ଜନ୍ମମାଟିକୁ
ଫୁଲ-ଫଳ-ତୃଣ-ଶସ୍ୟ-ଦାମେ ।"

କୋରାପୁଟ୍ ବନେ ଝୁଞ୍ଜୁମା ନାଚଇ
"କାନନ ବେଦନ ହୋଇଛି ଶେଷ,
ଦୀପ୍ତ ଆଲୋକେ ଅନ୍ଧାର କାଟି
ଆମେଇ ଦେଖିବା ଅମର ଦେଶ ।"

ସମ୍ବଲପୁରେ ନୃସିଂହ ନାଥ
ଦେବଗଡ଼ ଧାରେ ପ୍ରଧାନପାଟ
ବଣେଇ ଗହନେ ଖଣ୍ଡାଧାର ତା'
ଶୁଣି ଅଶ୍ରାନ୍ତେ କଥନ ନାଟ ।

ବାୟୁ-ହିଲ୍ଲୋଳେ ସଙ୍ଗରେ ଆଜ
ବଢ଼ ଦେଉଳର ହର୍ଷବାଣୀ,
"ପାଷାଣ ବୁକୁରେ ପଦ ଫୁଟିବ
ଦେଶରେ ହସିବ ଶିଳ୍ପରାଣୀ।"

ଭଗ୍ନ ଶସ୍ତ୍ରେ ଆଶା ସଞ୍ଚାରୁ
କୋଣାରକ ଗୃହେଁ ଧଉଳୀ ମୁଖେ,
ଝିଟିଂ ହରଷେ ମଥାଟି ଟୋଳଇ
ମୟୂରଭଞ୍ଜ—କାନନ-ବୁକେ।

ଭୁବନେଶ୍ୱର ବକ୍ଷ ଉପରେ
ଉଛୁଳି ପଡ଼ଇ ଅତୁଳ ଆଶା
"ଆମେ ଫୁଟାଇବା ଦେଶର ବାସନା
ଆମେ ଫୁଟାଇବା ଜାତିର ଭାଷା।"

ସଜାଗ ଅମର ବାରବାଟୀ ଗଡ଼
ଚୌଦ୍ୱାରେ ଗୃହେଁ ଖୋଲଇ ପ୍ରାଣ
"ଆମେ ରେ ଗଢ଼ିବା ନବ ଇତିହାସ
ଆମେଇ ଗଢ଼ିବା ଜାତିର ମାନ।"

ଗିରବନ ପଥେ ଶୁଣି ଅନ୍ଧାରେ
ବନ୍ଦନା ଧାତୁ ଢୋଲର ସ୍ୱର
"ଏଥର ଜାଣି ରେ ମୁକ୍ତ ହୋଇଲା
ରୁଦ୍ଧ ସକଳ ଦୁଆର ମୋର ।"

ଏଥର ଯାଇ ମୁଁ ମୃତ୍ୟୁ ଆଲୋକେ
ଘରେ ଘରେ ମୋର ଆସନ ନେବ
ମର ଜୀବନରେ ଧନ୍ୟ ହୋଇବ
ଦେଶ ଜନତାର ଚରଣ ସେବ ।"

ନବଜାତକ ମୋ ନବ ଜନ୍ମଲ
ନିଖିଳ ଭାରତେ ଢୋଲାଇ ପଥ
କୋଟି ଅନ୍ତରେ ଉଛୁଳଇ ଆଜି
ନବ ଭାବ ନବ ପ୍ରଫୁଲ୍ଲତା ।

ଶରତ-ନଈ-କୂଳେ

୧

ଶରତ-ନଈ-କୂଳେ
ବସିଣ ମୁହିଁ ଛାୟା-ଛଇଳ
ଆମ୍ର-ତରୁ-ମୂଳେ ।

ଛବୁଜର ସବୁଜ କୋଳ
ଏ ମୋର ମନ ହେଉଛି ଭୋଳ

ନୟନ ମମ
ଭ୍ରମର ସମ
ମାଟିରେ ଘୁଣି ବୁଲେ
ଶରତ-ନଈ କୂଳେ !

୨

ନଦୀର ଜଳ-ଧାରା
ଝୁଲଚି ଗ୍ରାମ-ଅଲ୍ଅ ଡଟେଳ
ଦଶ୍ଚି ମନଦ୍ଧାରା
ଢଲ୍ଲଭ ଗଛ-ପଥର-ସ୍ରଣି
ସମୀର ଧୀରେ ପଡୁଛି ଝାପି,
ଗୋଟିକୁ ଗୋଟି
ପଡୁଛି ଲେଟି
ଚପଳ ଢେଉମାଳା
ନଦୀର ଜଳ-ଧାରା ।

୩

ସ୍ରୋତର ଏକ ପାଶେ
ଧ୍ୟାନୀ ବକ ଗୃହିଛି ଢାର
ମୀନ-ମୃଗୟା-ଆଶେ ।
ପାଉଛି ଯାହା ପରମ ସୁଖେ
ଭର ଦେଉଛି ଆପଣା ମୁଖେ
ମାଛରଙ୍କା
ଝାମ୍ପ ମାରି
ଉଠଇ ନୀଳାକାଶେ
ସ୍ରୋତର ଏକ ପାଶେ ।

୪

ପାଖରେ ଏଇ ପଠା
ଝାଉଁଶିବନ ଦଶୁଛି ରହି
ସତେ କି ଧଳା ଜଟା
ତାହାର ପାଖେ ରେଭୋଣ୍ଡ ସଙ୍ଗେ
ଚକୁଆ ଖେଳା କରୁଛି ରଙ୍ଗେ
ଉଦାଳଅଛି
ଚକ୍ର ଭାଟି
ଦେଖାଏ ରୂପ ଛଟା,
ପାଖରେ ଏଇ ପଠା ।

୫

ନଈର ଅରପାରେ
ଦଶୁଛି ଗାଈ ବାଛୁରି ଏକ
ସବୁଜ ପଡ଼ଆରେ;
ଗୋପାଳ ପୁଅ କେଉଁଠି ବସି
ବଇଁଶୀ ସ୍ୱରେ ଯାଉଛି ବସି,
ମୂର୍ଚ୍ଛନାଟି
ଅସ୍ଫୁଟ ମାତ୍ର
ମଧୁର ଝଙ୍କାରେ
ନଈର ଏଇ ଧାରେ ।

ନଦୀର ଏଇ କୂଳେ,
ଶେଫାଳି ଫୁଲ ଅକୁଳ କରି
ଫୁଟିଛି ଯାଇ ଦୂରେ ।
ମଧୁର ତା'ର ମହକ ସଣି
ଧୀର ଲହରେ ଅସୁଛି ଭାସି,
ଆବେଶ-ଭୋଳ
ଚିତ୍ତ ମୋର
ତାହାରି ସାଥେ ଘୁରେ;
ନଦୀର ଏଇ କୂଳେ ।

୨

ସେତକ ବେଳେ ତହୁଁ,
ଖଞ୍ଜଣିଲ ଉଠଇ ଡାକି
ଆକାଶେ ବହୁ ବହୁ ।
ଦୂରେ ଯେ ଥିଲେ ବାଳକ ଦଳ
ଉଲ୍ଲେ ମିଳି ତୋଳିଲେ ସ୍ୱର ।
"ହେଇରେ ଭାଇ
ଖଞ୍ଜନ ଶିଷ୍ଟ"
ନବ ପୁଲକ ବହୁ,
ସେତକବେଳେ ତହୁଁ ।

୮

ଆଜି ଏ ଲଗନରେ
ସୁନୀଳ ଏଇ ବଢ଼ଦ ଢଳେ
ଚକ୍ରବାଳ ପରେ
ଅଜାଣେ ମେଘ ଢଳେ ଏ ନଭ
ମନରେ ମୋର ଢଅଇ କହୁ
"ସୃଷ୍ଟି ଧାମେ
ସୁଷମା ଅମେ
ଭରୁଚ୍ଚ ପଲକରେ,"
ଆଜି ଏ ଲଗନରେ ।

ସୃଷ୍ଟିର ଅପମାନ

ଭଗବାନ, ଭଗବାନ,
କେଉଁ ଦେଶେ ବସି   ଦେଖୁଅଛ ଅଜ୍ଞ
ସୃଷ୍ଟିର ଅପମାନ ।

ନିଜ ରୂପ ଦାନେ   ମୁଗ୍ଧ ପରାଣେ
ବିଶ୍ୱ ଭୁବନ ତୁମେ,
ଜୀବ ଜଗତର   ସୃଷ୍ଟି ଉପରେ
ଗଢ଼ିଛ ଯାହାକୁ ତୁମେ;

ଦୀପ୍ତ ଯାହାର   ଶୁଭ୍ର ଲଲାଟେ
ବିଜୟ ଆଲିମ୍ପନ
ଆସିବାର ବେଳେ   ଅଙ୍କି ଦେଇଛ
ମଙ୍ଗଳ ବିଭୂଷଣ;

ଦିବସ ନିଶିର   ସଙ୍ଗମ ଶିଖା
ପ୍ରଭାତ ପ୍ରଦୋଷ ପରି
ମର୍ତ୍ତ୍ୟେ ଆଣିଛ   ଦେବ ଦାନବର
ସାମ୍ୟ ମିଳନ ଧରି ।

ପ୍ରିୟତମ ତୁମ ସୃଷ୍ଟି ହୋଇଛି ଯେ
ଶ୍ରେଷ୍ଠ ମାନବ ଜାତି
ଅନ୍ଧ ମଗଜ ଛନ୍ଦ ହରାଇ
ଖୋଜୁଛି ନରକ ସାଥି ।

ଭଗବାନ, ଭଗବାନ,
କେଉଁ ଦେଶେ ବସି ଦେଖୁଅଛ ଆଜ
ସୃଷ୍ଟିର ଅପମାନ ।

ନିତ ଦେଖୁଅଛୁ ଶକୁନି ଶୃଗାଳ
ଉଷ୍ଣ ଧରଣୀତଳେ
ଜୀବନ ଶୋଷଇ ଧମଣି ଶୋଷଇ
ନିର୍ଜୀବ ଶବପରେ ।

ମାନବ କଅଣ କରୁଛି ହାସ୍ୟ ରେ
ସଭ୍ୟ ମାନବ ଜାତି
ବିଚାର ନ ରଖି ମାନବ-ଶିକାର
କରୁଛି ଦିବସ ରାତି ।

ବିଜ୍ଞାନ-ଜାତ ଅଜ୍ଞାନ-ଜାତ
କମାଣ ଗୋଳାର ବଳେ
ଭସ୍ମ କରଇ ଧ୍ୱଂସ କରଇ
ପ୍ରବଳ ନିର୍ବଳରେ ।

ଲକ୍ଷ ଲକ୍ଷ ବଷର ଭଟେଳ
ଜଗାଇ ଶଙ୍କା ଭୟ
ରଙ୍ଗ ଅରବେ ବଜାଇ ଦେବଜଣ
ଅପଣାର ଜୟ ଜୟ ।

ଜୟ ମହାଜନସ୍ତ ଦାନ ଲଭେ ଯାର
କାଙ୍ଗୁଡ଼ ନାହିଁ ଭାଗ,
ଷମତାର ନୃପେ ନଗ୍ନିତ ଜୀବନ
ବଳି ପଡ଼ୁଅଛୁ ଆଗ ।

ମାଟିର ଭିତର ବରଷ ଯା ଧର
ଘାଟର ରକତ ଦେଇ
ମାଟିର ଭିତରେ ସୁନାର ଫସଲ
ସୃଷ୍ଟି କରୁଛି ଏଇ ।

ଗଜାଉ ଶାସନ ମନକା-ନାଶନ
କଟେଳ ବଟେଳ ଠକୋଶଳେ
ଦାଣ୍ଡକେ ଭଗ୍ନା ଲକ୍ଷ୍ମି ନେଉଛି
ଫିକ୍ତ ଆସନ ତଳେ ।

ପୀଡ଼ିତ ଧରଣୀ ଜଣାଇଲେ ଯାଇ
ଦୈନ୍ୟ ବେଦନା-ଭାର,
ଲକ୍ଷାଧ ଫଜଣ ବନ୍ଧୁକ ମୁଖେ
ବିଚାର କରୁଛି ଆଜ ।

ଧର୍ମର ଧ୍ୱଜା ବାହ୍ୱାରେ ଉଡାଇ
ଧର୍ମର ଧନେ ଅଜ
ଦେହର ଓଜନ ବଢ଼ାଉଛ ଖାଲି
ମଠାଧୀଶ ମହାରାଜ ।

ଧର୍ମ ଜମାର ଖରଚ କରୁଛ
ଟିକିଏ ବିଚାର ନାହିଁ ।
ଧର୍ମ ନାଁରେ ଚରଣେ ଦଳୁଛ
ଟିକିଏ ବିଚାର ନାହିଁ ।

ଦେଶ ବିଦେଶରେ ଦାଗ ବିଦାଗରେ
ପୁଞ୍ଜିପତିର ଦାଉ
ନିଖିଳ ଜଗତ ଗ୍ରାସି ଚାଉଅଛୁ
ଦଣ୍ଡକେ ଗୃହୁଁ ଗୃହୁଁ ।

ଦୁଃଖ-ଯାତନା- କ୍ଳିଷ୍ଟ ଜୀବନ
ନିଃସ୍ୱ ଦଳିତ ଭାଇ
ଧରିତଳେ ମଥା ଗୁଂଜିବା ପାଇଁ
ଠାବ ପାଉନାହିଁ କାହିଁ ।

ଯନ୍ତ୍ରର ଯହିଁ ପୁଞ୍ଜିତ ଧୂମ
ଘୋଟିଅଛି ଭରପୂର
ରୁଦ୍ଧ ଶ୍ୱାସେ ଶ୍ରମ କରି ତହିଁ
ମରୁଅଛି ମଜଦୁର ।

ଅମାବାସ୍ୟାର ଘନ ଅନ୍ଧାରେ
ଛଡ଼ାଇ ଦୀପାଳି ଶତ
ଏଇ ଭୂତଳର ହର୍ମ୍ମ୍ୟ ମାଳଞ୍ଚ
ପୂର୍ଣ୍ଣିମା ପାଳୁଅଛନ୍ତି ।

ସୃଷ୍ଟି ପାଳନେ ଯାହା ହାତେ ତୁମେ
ଦେଇଛ ଯେ ଅଧିକାର
ଜଗତ ବେଭାର ନ କରି ସେ ତାର
କରୁଅଛନ୍ତି ଅପଚାର ।

ଭଗବାନ, ଭଗବାନ,
କେଉଁ ଦେଶେ ବସି ଦେଖୁଅଛ ଆଜି
ସୃଷ୍ଟିର ଅପମାନ ।

ମାନବ ସହିତେ ଭୁଲି ଯାଉଅଛନ୍ତି
ମାନବର ଅବଦାନ
ମାନବର ବୁକେ ଲକ୍ଷ୍ୟ କରି ସେ
ମାରୁଛି ଅନଳ ବାଣ

ଭୁବନ ଉରସେ ଆଜି ସେ ହୋଇଛି
ଅମଙ୍ଗଳର ହେତୁ
ଗଗନ ଉରସେ ଜାଗି ଉଠିଛି ସେ
ଧ୍ୱଂସର ଧୂମକେତୁ ।

ଯେ ପଥେ ତାହାର ଚରଣ ପଡ଼ିଲ
ପଡ଼ିଲାଣି ଭୂଟାଚାଳି
ଯେ ଦଗେ ତାହାର ଦୃଷ୍ଟି ଯାଉଛି
ଧକଳା ଯାଉଛି ଜଳି !

ନିଃଶ୍ୱାସେ ତାର ବାୟୁ ମଣ୍ଡଳ
ଭୟେ ଲଟୁଅଛି ଥରି
ସକାଳର ସାଗ ପ୍ରକୃତି ଏଇ
ଯାଉଅଛି ଆଜି ଭରି ।

ଭଗବାନ, ଭଗବାନ,
କେଉଁ ଦେବଣେ ବସି ଦେଖୁଅଛ ଆଜ
ସୃଷ୍ଟିର ଅପମାନ ।

ପତାକା ସଙ୍ଗୀତ

୧

ଉଡ଼ଇ ଆମ ପତାକା ଏ ଯେ
ଜଗତେ ଅନୁପମ
ନମ କର ଆଜ ମୋ ଦେଶ ଭାଇ
ଏହାର ତଳେ ନମ ।

ଆମରି ଦେଶ ଆମର ଜାତି
ଏହାର ଲାଗି ଦିବସ ରାତି
ଚାଳିତ ନବତେ ଲାଧ୍ୟ ଓ ଲକ୍ଷ୍ୟ
ନାହିଁ ଯେ ତାର ସମ ।

ସହୁଛି କେତେ ଦମନ ଲୀଳା
ବୁଲେଟ-ଗୁଳି-ମାଡ଼
ଏହାର ଲାଗି ଯାତନା ଶତ
ଚୂର୍ଣ୍ଣ ଗଣ୍ଠି-ହାଡ଼ ।

କେତେ ଯେ ପ୍ରାଣ ଏହାରି ପାଇଁ
ଶହୀଦ ହେଲେ କଳନା ନାହିଁ ।
ପତାକା ଏ ଯେ ପାଇଛୁ ଆଜ
ଆମରି ପ୍ରିୟତମ ।

ଛନ୍ଦ ସଂପର୍କରେ ଦୁଇପଦ

ଛନ୍ଦ କବିତାର ଗୋଟିଏ ଅବିଚ୍ଛେଦ୍ୟ ଅଙ୍ଗ । ଛନ୍ଦର ହିଲ୍ଲୋଳରେ ଭାବର ବିକାଶ ହୁଏ ବଡ଼ ମନୋଜ୍ଞ ଭାବରେ । ଓଡ଼ିଆ କବିତାରେ ଶ୍ରେଣୁ ସାମ୍ପ୍ରତିକ ଭାବସଙ୍କୁଳତା ବହନ କରିବା ପାଇଁ ଏକ ନୂତନ ଛନ୍ଦ ଆତ୍ମପ୍ରକାଶ କରିଛି । ତାହା ଯୁକ୍ତାକ୍ଷର ଛନ୍ଦ । ଅକ୍ଷର ଛନ୍ଦର ପ୍ରକୃତି ପ୍ରତ୍ୟେକ ପାଠକଙ୍କୁ ଜଣା । ତାହା ଅକ୍ଷର ପରିମାପରେ ଗଣାଯାଏ । ଯଥା —

ଅତି ମନୋହର କାଳ ଶୀତ ଋତୁ ଧବ ଗାଢ଼ ଗାଢ଼ ନାହିଁ
ପଲ୍ଲବ ପାଟଳ ମଧୁଋତୁ ଗ୍ରୀଷ୍ମ ଧର୍ମ ମାଢ଼ ମାଢ଼ ନାହିଁ ।

ଜଂଶୀ, ରାଧାନାଥ ଗ୍ରନ୍ଥାବଳୀ

ମାତ୍ର ଯୁକ୍ତାକ୍ଷର ଛନ୍ଦରେ ଅକ୍ଷର ସାମ୍ୟ ନାହିଁ । ଅଛି ମାତ୍ରା ସାମ୍ୟ ।

ଯନ୍ତ୍ର ତନ୍ତ୍ରେକ ମନ୍ତ୍ର ଦେଇଛି ମାଟିର ମଣିଷ ଆରେ
ମୁଗଧ ତୋହର ଚିତ୍ତ ଗହନେ ଚିତ୍ର ପାରୁନୁ ବାରେ ।

କବିତା ପ୍ରବେଶ-ଉତ୍କଳ ବିଶ୍ୱବିଦ୍ୟାଳୟ

ସଂସ୍କୃତରେ ଯେଉଁ ମାତ୍ରାବୃତ୍ତ ଛନ୍ଦ ଅଛି, ଆମର ଏ ଯୁକ୍ତାକ୍ଷର ଛନ୍ଦ ତାକୁଇ ଅନୁସରଣ କରି ସୃଷ୍ଟି ହୋଇଛି । ସଂସ୍କୃତରେ ଅଛି —

ଆକାର, ଦୀର୍ଘଇକାର, ଦୀର୍ଘଉକାର, ଏକାର, ଐକାର, ଓକାର, ଔକାର, ଅନୁସ୍ୱାର, ବିସର୍ଗ ଓ ରେଫ୍ ଯୁକ୍ତ ବର୍ଣ୍ଣ ନିଜେ ଓ କ୍କ, ଙ୍ଗ, ପ୍ର, ମ୍ଳ ଇତ୍ୟାଦି ଯୁକ୍ତବର୍ଣ୍ଣର ପୂର୍ବ ବର୍ଣ୍ଣ ଗୁରୁ ବା

ଧ୍ୱନି ମାଧୁରିକ ହୁଏ । ସେଥିପାଇଁ ସଂସ୍କୃତ କାବ୍ୟ କବିତାର ଅଙ୍ଗିକତାରେ ଅଛି ଏକ ଅଭିନବ ଭଙ୍ଗୀ ଓ ହିଲ୍ଲୋଳ । ତାହା ମାତ୍ରାବୃତ୍ତ । ଭାରତରେ କୌଣସି ଭାଷା ତାହାର ଲୋଭ ସମ୍ବରଣ କରି ପାରିନାହିଁ । ହିନ୍ଦି, ବଙ୍ଗଳା ଓ ତେଲୁଗୁରେ ତାହା ବହୁ ପରିମାଣରେ ଗୃହୀତ । ଆମ ଓଡ଼ିଆ କାବ୍ୟ କବିତାରେ ତାହା ବହୁକାଳରୁ ଅଛି ।

ଚରଣ ଅରୁଣ ରାଜେ, କନକ ନୂପୁର ସାଜେ
କଟି କିଙ୍କିଣୀ ଘଣ୍ଟି ଠଣ ଠଣ କଙ୍କଣ ଝଙ୍କ ବାଜେ ।

ରହସ୍ୟ ମଞ୍ଜରୀ, ଦେବଦୁର୍ଲ୍ଲଭ ଦାସ

ରସମାନସ ବୃଧିବେଶ ଜାର ରସ କଥାରେ
ସେବିତ ଶୁକ ସନକଶେଷ ଅନାଶ ନାଚ ପଥାରେ ।

ଗୋପାଳକୃଷ୍ଣ ପଦ୍ୟାବଳୀ

ଅଞ୍ଜନ ଲୁଚେ ମଦ ଗଞ୍ଜନ କେଶ
କଞ୍ଜ ସୁନ୍ଦର ମୁଖ ସୁନ୍ଦର-ବେଶ
ସଞ୍ଜ କୁମୁଦ ସମ ହାସ ବିକାଶ
ଲୁ ଥିନା ସାହାରେ ।

କବିସୂର୍ଯ୍ୟ

ଜୟ ଦେବୀ ଜନ୍ମଭୂମି କୀର୍ତ୍ତି-କଣ୍ଠ-ଧାରଣୀ
ବନ୍ଦେ ଦେବୀ ଅଶାମଧ୍ୟି ଜଗଦ୍-ଶକ୍ତି-ଶାଳିନୀ

ଉତ୍କଳଗାଥା—ମଧୁସୂଦନ

କାଞ୍ଚି ନୃପତି ଉତ୍କଳ ନୃପେ କରିଅଛି ଅବମାନନା,
ସମ୍ପଦ ଧକ୍କା ଲାଗିଛି ଉତ୍କଳେ ବାଜୁଛି ଯୁଦ୍ଧ ବାଜଣା ।

ନନ୍ଦକିଶୋର

ମୁଁ ଉପରେ ଯେ କେତୋଟି ପଂକ୍ତି ଉଦ୍ଧାର କରିଅଛି, ସେଥିରେ ସଂସ୍କୃତର ନିର୍ଦ୍ଦେଶ ମାତ୍ରା-ପରିମାପ ନାହିଁ । ତାହାର କାରଣ ଭଳ । ଓଡ଼ିଆରେ ଆକାର, ଦୀର୍ଘଇକାର ପ୍ରଭୃତିକୁ ଗୁରୁବୋଲି ଚଳେଇ ନେବା କଠିନ । ତେଣୁ କେବଳ ଯୁକ୍ତାକ୍ଷରକୁ ଗୁରୁ ବା ଦ୍ୱୈମାତ୍ରିକ ବୋଲି ଗ୍ରହଣ କରା ହୋଇଅଛି । ଓଡ଼ିଆ ଢଗଢ଼ମାଳିରେ ମଧ୍ୟ ଏଇ ଯୁକ୍ତାକ୍ଷରର ଦ୍ୱୈମାତ୍ରିକତା ଦେଖାଯାଏ ।

ତୃଣ୍ଣପତ୍ର ଦୂର୍ଣ୍ଣ କର
କଲେ ଜାଳିଥିବ ପୂର୍ଣ୍ଣ କର ।

ଅପର ଆଧୁନିକ ଓଡ଼ିଆ କବିତାରେ ତାହା ରୂପାୟିତ ହୋଇଅଛି ଏଇପରି ।

ଲକ୍ଷ ତୋହର ବକ୍ଷ ବନ୍ଧନେ
ସଞ୍ଚିତ ବହୁ ଧନ
ଲକ୍ଷ ସ୍ୱପନ ଲକ୍ଷ ମନନ
ବହୁତ ମହତ ମନ

ଯୁକ୍ତାକ୍ଷର ନହେଲେ ମଧ୍ୟ ଐକାର, ଔକାର ଓ ରଫଳା ଯୁକ୍ତ ଅକ୍ଷରକୁ ଦ୍ୱୈମାତ୍ରିକ ଗ୍ରହଣ କରାଯାଇଅଛି । ଶୈଶବକୁ ଶଇଶବ, ଯୌବନକୁ ଯଉବନ, ଅମୃତକୁ ଅମୁରୁତ ଓ ଭୂଣକୁ ଭରଣ ବୋଲି ଭାଷାରେ ଚଳୁଅଛି । ଯଥା :—

୨

ଉଡ଼ଇ ଆମ ପତାକା ଏବେ
ଜଗତେ ଅନୁପମ
ଅଙ୍ଗେ ଲେଖା ତ୍ରିରଙ୍ଗର
ତ୍ରିବେଣୀ ସଙ୍ଗମ ।

କେଶରୀ ରଙ୍ଗ ଶାନ୍ତି ବନ୍ଧେ
ସବୁଜ ରଙ୍ଗ ମୈତ୍ରୀ କହେ
ଶୁକ୍ଳ ଘୋଷେ ପ୍ରଗତିବାଣୀ
ଜଗତ ମନୋରମ ।

ଶୁଭ୍ରତାର ମଧ୍ୟଦେଶେ
ଶୋଭିତ ଯାହା ମଥା
ଅହିଂସାର ପ୍ରତୀକ ତାହା
ଅଶୋକ ଚକ୍ର ତା ।

ଶାନ୍ତି-କାମେ ମୈତ୍ରୀ-କାମେ
ପ୍ରଗତି ପଥେ ଚାଲିବୁ ଆମେ,
ରଖିବୁ ଛିତ ରକତ ଦେଇ
ଏହାକୁ ପ୍ରାଣ ସମ ।

ଛନ୍ଦ ସଂପର୍କରେ ଦୁଇପଦ

ଛନ୍ଦ କବିତାର ଗୋଟିଏ ଅବିଚ୍ଛେଦ୍ୟ ଅଙ୍ଗ । ଛନ୍ଦର ହିଲ୍ଲୋଳରେ ଭାବର ବିକାଶ ହୁଏ ବଡ ମନୋଜ୍ଞ ଭାବରେ । ଓଡିଆ କବିତାରେ ତେଣୁ ସାମ୍ପ୍ରତିକ ଭାବସଙ୍କୁଳତା ବହନ କରିବା ପାଇଁ ଏକ ନୂତନ ଛନ୍ଦ ଆତ୍ମପ୍ରକାଶ କରିଛି । ତାହା ଯୁକ୍ତାକ୍ଷର ଛନ୍ଦ । ଅକ୍ଷର ଛନ୍ଦର ପ୍ରକୃତି ପ୍ରତ୍ୟେକ ପାଠକଙ୍କୁ ଜଣା । ତାହା ଅକ୍ଷର ପରିମାପରେ ଗଣାଯାଏ । ଯଥା —

ଅତି ମନୋହର କାଳ ଶୀତ ଋତୁ ଧସ ଘଡ଼ ଘଡ଼ ନାହିଁ
ପଲ୍ଲବ ପାଟଳ ମଧୁଋତୁ ଗ୍ରୀଷ୍ମ ଧଗ ମାଡ଼ ମାଡ଼ ନାହିଁ ।

ଜବଂଣୀ, ରାଧାନାଥ ଗ୍ରନ୍ଥାବଳୀ

ମାତ୍ର ଯୁକ୍ତାକ୍ଷର ଛନ୍ଦରେ ଅକ୍ଷର ସାମ୍ୟ ନାହିଁ । ଅଛି ମାତ୍ରା ସାମ୍ୟ ।

ଯନ୍ତ୍ର ତନ୍ତ୍ରେ ଯନ୍ତ୍ର ହୋଇଛି ମାଟିର ମଣିଷ ଆରେ
ମୁଗ୍ଧ ତୋହର ଚିତ୍ତ ଗହନେ ଚିତ୍ର ପାରୁନୁ ବାରେ ।

କବିତା ପ୍ରବେଶ-ଉତ୍କଳ ବିଶ୍ୱବିଦ୍ୟାଳୟ

ସଂସ୍କୃତରେ ଯେଉଁ ମାତ୍ରାବୃତ୍ତ ଛନ୍ଦ ଅଛି, ଆମର ଏ ଯୁକ୍ତାକ୍ଷର ଛନ୍ଦ ତାକୁଇ ଅନୁସରଣ କରି ସୃଷ୍ଟ ହୋଇଛି । ସଂସ୍କୃତରେ ଅଛି—

ଆକାର, ଦୀର୍ଘଇକାର, ଦୀର୍ଘଉକାର, ଏକାର, ଐକାର, ଓକାର, ଔକାର, ଅନୁସ୍ୱାର, ବିସର୍ଗ ଓ ରେଫ୍ ଯୁକ୍ତ ବର୍ଣ୍ଣ ନଚେତ୍ ଓ ଙ୍କ, ଙ୍ଘ, ପ୍ର, ମ୍ନ ଇତ୍ୟାଦି ଯୁକ୍ତବର୍ଣ୍ଣର ପୂର୍ବ ବର୍ଣ୍ଣ ଗୁରୁ ବା

ବର୍ଣ୍ଣି ମାତ୍ରିକ ହୁଏ । ସେଥିପାଇଁ ସମ୍ପୂର୍ଣ୍ଣ କାବ୍ୟ କବିତାର ଅଙ୍ଗିକତାରେ ଅଛି ଏକ ଅଭିନବ ଭଙ୍ଗୀ ଓ ହିଲ୍ଲୋଳ । ତାହା ମାତ୍ରାବୃତ୍ତ । ଭାରତରେ କୌଣସି ଭାଷା ତାହାର ଲୋଭ ସମ୍ବରଣ କରି ପାରିନାହିଁ । ହିନ୍ଦି, ବଙ୍ଗଳା ଓ ତେଲୁଗୁରେ ତାହା ବହୁ ପରିମାଣରେ ଗୃହୀତ । ଆମ ଓଡ଼ିଆ କାବ୍ୟ କବିତାରେ ତାହା ବହୁକାଳରୁ ଅଛି ।

ଚରଣ ଅରୁଣ ରଙ୍ଗେ, କନକ ନୂପୁର ସାଜେ
କଟି କିଙ୍କିଣୀ ଘଣ୍ଟି ଠଣରଣ କଙ୍କଣ ଝଙ୍କ ବାଜେ ।

ରହସ୍ୟ ମଞ୍ଜରୀ, ଦେବଦୁର୍ଲଭ ଦାସ

ଭବମାନସ ବିଧୁବେଶ ଜାର ରସ କଥାରେ
ଦେବବ୍ରତ ଶୁକ ସନକଟେଶ ଅଜାଣ ନନ୍ଦ ପଥାରେ ।

ଗୋପାଳକୃଷ୍ଣ ପଦ୍ୟାବଳୀ

ଅଞ୍ଜନି ଛୁଟା ମଦ ଗଞ୍ଜନ କେଶା
କଞ୍ଜ ସୁନ୍ଦର ମୁଖ ସୁନ୍ଦର-ବେଶା
ସଞ୍ଜ କୁମୁଦ ସମ ହାସ ବିକାଶା
ଛୁ ପିନା ସାହାରେ ।

କବିସୂର୍ଯ୍ୟ

ଜୟ ଦେବୀ ଜନ୍ମଭୂମି କୀର୍ତ୍ତି-କିରୀଟ-ଧାରଣୀ
ବନ୍ଦେ ଦେବୀ ଆଶାମୟି ନିଗୂଢ଼-ଶକ୍ତି-ଶାଳିନୀ

ଉତ୍କଳଗାଥା—ମଧୁସୂଦନ

କାଞ୍ଚି ନୃପତି ଉତ୍କଳ ନୃପେ କରୁଅଛୁ ଅବମାନନା,
ସମର ଧ୍ୱଜା ଲାଗିଛୁ ଉତ୍କଳେ ବାଜୁଛୁ ଯୁଦ୍ଧ ବାଜଣା ।

ନନ୍ଦକିଶୋର

ମୁଁ ଉପରେ ଯେ କେତୋଟି ପଂକ୍ତି ଉଦ୍ଧାର କରୁଅଛୁ, ସେଥିରେ ସଂସ୍କୃତର ନିପୁଣ ମାତ୍ରା-ପରିମାପ ନାହିଁ । ତାହାର କାରଣ ଏଇ । ଓଡ଼ିଆରେ ଆକାର, ଦୀର୍ଘଇକାର ପ୍ରଭୃତିକୁ ଗୁରୁବୋଲି ଚଳାଇ ନେବା କଠିନ । ତେଣୁ କେବଳ ଯୁକ୍ତାକ୍ଷରକୁ ଗୁରୁ ବା ଦ୍ୱୈମାତ୍ରିକ ବୋଲି ଗ୍ରହଣ କରା ହୋଇଅଛି । ଓଡ଼ିଆ ଢଗଢ଼-ମାଳିରେ ମଧ୍ୟ ଏଇ ଯୁକ୍ତାକ୍ଷରର ଦ୍ୱୈମାତ୍ରିକତା ଦେଖାଯାଏ ।

ଚୂର୍ଣ୍ଣପକ୍ଷ ଦୁର୍ଣ୍ଣ କର
କଲେ ଜାକିଥିବ ପୂର୍ଣ୍ଣ କର ।

ଆମର ଆଧୁନିକ ଓଡ଼ିଆ କବିତାରେ ତାହା ରୂପାୟିତ ହୋଇଅଛି ଏଇପରି ।

ରୁଷ ତୋହର   ବଷ ବଢ଼ାନେ
ସଞ୍ଚିତ ବହୁ ଧନ
ଲକ୍ଷ ସପନ   ଲକ୍ଷ ମନନ
ବହୁତ ମହତ ମନ

ଯୁକ୍ତାକ୍ଷର ନହେଲେ ମଧ୍ୟ ଐକାର, ଔକାର ଓ ଋଫଳା ଯୁକ୍ତ ଅକ୍ଷରକୁ ଦ୍ୱୈମାତ୍ରିକ ଗ୍ରହଣ କରାଯାଇଅଛି । ଶୈଶବକୁ ଶଇଶବ, ଯୌବନକୁ ଯଉବନ, ଅମୃତକୁ ଅମ୍ରୁତ ଓ ତୃଣକୁ ତରଣ ବୋଲି ଭାଷାରେ ଚଳୁଅଛି । ଯଥା :—

ମାତୃ ଭାଷାର   ଗୌରବ ଗାଥା
କଥା-କବି ପ୍ରଭଞ୍ଜ
ତୋର କୋଳେ ବସି   ଜୀବନର ପଥେ
ଅଁତୁରେ ଗୃହ୍ମଁଶ ଅଜ।

ମାତ୍ର ଲାଳିତ୍ୟର ଅନୁରୋଧରେ ପ୍ରାକୃତ ଅନୁସରଣରେ ଅନୁସ୍ୱାର ସ୍ଥଳରେ ଚନ୍ଦ୍ରବିନ୍ଦୁର ପ୍ରଚଳନ ରହିଅଛି। ଆମମାନଙ୍କର ଯେପରି ବଞ୍ଚଣା, ବଁଚଣା ଓ କମ୍ପା, କଁପା ହୁଏ।

ତେବେ   ଅଧୀର ସମୀର ପରବାହେ
ଉଠେ   ସତ୍ୟ ସୁଁଦର ଶିବ ଆନନ୍ଦ।

ବର୍ତ୍ତମାନ ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ, କବି କାଳନ୍ଦୀ, ବୈକୁଣ୍ଠ, ମାନସିଂହ, ଗୋଦାବରୀଶ, ହରି ରାଉତରା ପ୍ରଭୃତି ଅଧିକାଂଶ କବିତା ଲେଖିଛନ୍ତି ଓ ଲେଖୁଛନ୍ତି ଏହି ଯୁକ୍ତାକ୍ଷର ଛନ୍ଦରେ।

ଯୁକ୍ତାକ୍ଷର ଛନ୍ଦ ସଂସ୍କୃତର ମାତ୍ରାବୃତ୍ତ ଛନ୍ଦରୁ ଅଣା ଯାଇଥିଲେ ମଧ୍ୟ ଆତ୍ମପ୍ରକାଶରେ ସଂପୂର୍ଣ୍ଣ ନୂତନ। ଓଡ଼ିଆ ଭାଷାର ଆଙ୍ଗିକତାରେ ଏହା ଗୋଟିଏ ଅଭିନବ ସୃଷ୍ଟି।

ଟିପ୍ପଣୀ

ସତୀଚଉର୍

କାଠଯୋଡ଼ି ନଦୀ କୂଳରେ ସତୀଚଉରା କଟକର ଜଣାଶୁଣା ଶ୍ମଶାନ । ସେଠି କବି ରାଧାନାଥ, ମଧୁସୂଦନ, ରାମଶଙ୍କର, ମୃତ୍ୟୁଞ୍ଜୟ, ବିଶ୍ୱନାଥ ଓ ନନ୍ଦକିଶୋର ପ୍ରଭୃତି ଅନେକଙ୍କର ସମାଧି ଅଛି ।

ସ୍ୱାଗତ ହେ ଚିୟାଙ୍ଗ୍ କେଇଶେକ

ଚିୟାଙ୍ଗ କେଇଶେକ ଚୀନର ରାଷ୍ଟ୍ରପତି । ୧୯୪୩ ରେ ସେ ଆସିଥିଲେ ଭାରତକୁ । ତାଙ୍କର ସମ୍ବର୍ଦ୍ଧନା କରାଯାଇ ଥିଲା ଭାରତର ପ୍ରତ୍ୟେକ ବଡ଼ ବଡ଼ ସହରରେ । କବିତାଟି ସେହି ସମୟର ଲେଖା ।

କଟନିସ୍—ସେ ତ ମରିନାହିଁ ।

ପଣ୍ଡିତ ଜବାହାରଲାଲ ୧୯୩୭ରେ ଥିଲେ ଭାରତର ରାଷ୍ଟ୍ରପତି । ସେତେବେଳକୁ ଚୀନ ଉପରେ ଜାପାନର ଭୀଷଣ ରଣତାଣ୍ଡବ । ପଣ୍ଡିତଜୀ ଡାକ୍ତର ଅଟଲଙ୍କ ନେତୃତ୍ୱରେ ଗୋଟିଏ ସେବା-ସୈନିକ ଦଳ ଚୀନକୁ ପଠାଇଥିଲେ । ଡାକ୍ତର ଦ୍ୱାରକା-ନାଥ କଟନିସ୍ ଥିଲେ ସେହି ଦଳର । ସେ ଭାରତକୁ ଆଉ ଫେରି ପାରି ନ ଥିଲେ । ଚୀନର ରଣକ୍ଷେତ୍ରରେ ଆହତ ସୈନ୍ୟଙ୍କର ସେବା କରୁ କରୁ ତାଙ୍କର ସ୍ୱାସ୍ଥ୍ୟଭଙ୍ଗ ହେଲା । ସେଇଠି ସେ ପ୍ରାଣ ହରାଇଲେ । ଚୀନକୁ ନିଜର କରିନେଲେ ଚିରଦିନ ପାଇଁ ।

କୃଷ୍ଣଚନ୍ଦ୍ର ଗଡ଼

କୃଷ୍ଣଚନ୍ଦ୍ର ଗଡ଼ ଅନୁଗୁଳର ଶେଷ ରାଜା ସୋମନାଥ ସିଂହ ଜଗଦ୍ଦେବଙ୍କର ଗୁପ୍ତଗଡ଼ । ତାହାର ଭଗ୍ନାବଶେଷ ଏଯାଏ ଅଛି ।

୧୮୪୭ରେ ସୋମନାଥ ସିଂହ କେତେଜଣ ଗଡ଼ଜାତ ରଜାଙ୍କ ସହିତ ପରାମର୍ଶ କରି ସୈନ୍ୟ ପଠାଇ ଥିଲେ ବ୍ରିଟିଶ ସରକାରଙ୍କର କଟକ ସଦର ଆକ୍ରମଣ କରିବାକୁ । ସିନ୍ଧୁ ଗଡ଼ନାୟକ ଓ ଭୁବନ ମଙ୍ଗରାଜ ଥିଲେ ସେହି ଫଉଜର ସେନାପତି । ମାତ୍ର ବ୍ରିଟିଶ ସୈନ୍ୟ ଆସି, ବହୁତ ପାଣି ଜମାଦାରଙ୍କୁ ଦଶପଲ୍ଲାର ଘୁନାଖଣ୍ଡି ଆଠାରେ ରାତି ଅଧରେ ହାଣି ପକାଇଲେ । ଧର୍ମ ଭୟରେ ସେମାନେ ବିବ୍ରତ ହୋଇ ପଡ଼ିଲେ । ଓଡ଼ିଶା ସରକାରଙ୍କ ନିକଟରେ ହତ୍ୟା ମୋକଦ୍ଦମା କରାଗଲା । ଅନଗୁଳର ରଜା, ସେନାପତିମାନେ ବିଦ୍ରୋହୀ ବୋଲି ବନ୍ଦୀ କରାଗଲେ । ମାତ୍ର ସେମାନେ ଯେଉଁ ବୀରତ୍ୱ ଓ ସାହସ ଦେଖାଇ ଥିଲେ, ତାହା ରାଜସ୍ଥାନ ପରି ଅନଗୁଳ ଇତିହାସକୁ ଗୌରବମୟ କରି ଅଛି । ଇଂରେଜ ସରକାର ଅନଗୁଳ ଦଖଲ କରିଥିଲେ ୧୮୪୭ ରେ । ଆଜିକି ଶହେ ବର୍ଷ ତଳେ ।

ଗୋପବନ୍ଧୁ ହେ, ଚାଲିଆସ ଫେରି !

ଉତ୍କଳମଣି ଗୋପବନ୍ଧୁଙ୍କର ୧୮ଶ ବର୍ଷର ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷରେ ଲେଖା ଯାଇଥିଲା ।

ହିନ୍ଦୁ ମୁସଲମାନ

ବିଷୟ ବସ୍ତୁଟି ଗୋଟିଏ ସତ୍ୟ ଘଟଣାରୁ ନିଆଯାଇଛି । ଦୟାନନ୍ଦ ବୈଦିକ କଲେଜର ସଂସ୍କୃତ ଅଧ୍ୟାପକ ଶ୍ରୀ ଲକ୍ଷ୍ମୀନାରାୟଣ ଶାସ୍ତ୍ରୀଙ୍କ ନିକଟରୁ ମୁଁ ଶୁଣିଥିଲି, ସେ ଜୁଆଲପୁରରେ ଥିଲାବେଳେ ସ୍ୱଚକ୍ଷୁରେ ଦେଖିଥିଲେ । ଏହା ୧୯ ଠାରୁ ୨୧ ଅଗଷ୍ଟ, ୧୯୪୭ରେ ଘଟିଥିଲା ।

17365